# Akashvani, Sambalpur

## SAMBALPURI NEWS EVENING BULLETIN

## 12 August 2024- 7.02 pm- 7.12 pm.

********************************************

୧- ହର୍ ଘର୍ ତିରଙ୍ଗା ଅଭିଯାନ୍‌ଥି ସାମିଲ୍ ହେଲେ ମୁଖ୍ୟମନ୍ତ୍ରୀ ।

- ଇ ଅଭିଯାନ୍‌ଥି ସାମିଲ୍ ହେବାର୍‌କେ ଲୋକ୍‌ମାନ୍‌କୁ ଦେଲେ ଆହ୍ୱାନ୍ ।

୨- ଚନ୍ଦ୍ରଯାନ୍ ୩ ମିଶନ୍‌ର ଉଲ୍ଲେଖନୀୟ ସଫଳତା ଲାଗି ଅଗଷ୍ଟ ୨୩ ତାରିଖ୍‌କେ ଜାତୀୟ ମହାକାଶ୍ ଦିବସ୍ ଘୋଷ୍‌ନା କଲେ କେନ୍ଦ୍ର ସର୍‌କାର୍ ।

୩- ଆନ୍ତର୍ଜାତିୟ ଯୁବ ଦିବସ୍ ଅବ୍‌ସରେ ଆଏଜ୍‌ଠାନୁ ରାଏଜେ ମୁଲ୍ ହେଲା ଏଡ୍‌ସ୍ ସଚେତନତା କାର୍ଯ୍ୟକ୍ରମ୍ ।

ଆଉର୍

୪- ଉତର୍ ବଙ୍ଗୋପ୍‌ସାଗର୍ ନ ଆଏବା କାଏଲ୍‌ତକ୍ ଘୂର୍ଣ୍ଣିବଲୟର୍ ଅନୁମାନ୍ ।

- ଘଡ୍‌ଘଡ଼ି ସହେତେ ବର୍ଷା ହେବା ବଲି ୧୫ ଟା ଜିଲ୍ଲାକେ ସତର୍କ ସୂଚ୍‌ନା ।

ହର୍‌ଘର୍ ତିରଙ୍ଗା-ମୁଖ୍ୟମନ୍ତ୍ରୀ          ଆର୍‌ଏନ୍‌ୟୁ କଟକ୍/ବୌଦ୍ଧ

ସ୍ୱାଧୀନତା ଦିବସ୍ ପାଲନ୍ ଅବ୍‌ସରେ ଆଏବା **୧୫** ତାରିଖ୍‌ତକ୍ ହର୍ ଘର୍ ତିରଙ୍ଗା ଅଭିଯାନ୍‌ଥି ଘରେ ଘରେ ଜାତୀୟ ପତାକା ଲଗାବାର୍ ଲାଗି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆହ୍ୱାନ୍ ଦେଇଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ନିଜର୍ ଘରେ ତିରଙ୍ଗା ପତାକା ଉଡ଼ାବାର୍ ସହେତେ ହର୍‌ଘର୍ ତିରଙ୍ଗା ଡଟ୍‌କମ୍‌ଥି ସେଲ୍‌ଫି ଅପ୍‌ଲୋଡ୍ କର୍‌ବାର୍‌କେ ଲୁକ୍‌କୁ ଅନୁରୋଧ୍ କରିଛନ୍ ।

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ହର୍ ଘର୍ ତିରଙ୍ଗା ଅଭିଯାନ୍‌ର କେନ୍‌ଭାସ୍‌ଥି ଜୟ ହିନ୍ଦ୍ ନାରା ସହେତେ ମୁଖ୍ୟମନ୍ତ୍ରୀ ଦସ୍ତଖତ୍ କରିଥିଲେ । ଜାତୀୟ ପତାକା ଆମର୍ ଲାଗି ବହୁତ୍ ସମ୍ମାନ୍ ଆଉ ଗୌରବ୍‌ର ବିଷେ ହେଇଥିବାର୍‌ନୁ ଫି ଦେଶ୍‌ବାସୀଙ୍କୁ ଜାତୀୟ ପତାକାର୍ ମହତ୍ୱ ବିଷେ ସଚେତନ୍ କର୍‌ବାର୍ ଲାଗି ଇ ଅଭିଯାନ୍ ମୁଲ୍ କରାଯାଇଛେ ବଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ବୌଦ୍ଧ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ହର୍ ଘର୍ ତିରଙ୍ଗା ପତାକା ଅଭିଯାନ୍ ଲାଗି ଆଏଜ୍ ଗୁଟେ ମାରାଥନ୍ ରେଲି ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡାଙ୍କର୍ ନେତୃତ୍ୱଥି ହେଇଥିଲା । ଜିଲ୍ଲା ଷ୍ଟାଡ଼ିୟମ୍ ଠାନୁ ଇ ମାରାଥନ୍ ରେଲି ବାହାରିକରି ବୌଦ୍ଧ ସହର୍ ବୁଲିଥିଲା । ଇଥି ଜିଲ୍ଲାପାଲ୍, ଏସ୍.ପି., ଭିନ୍ ଭିନ୍ ବିଭାଗ୍‌ର ଅଧିକାରୀ, ଛାତ୍ରଛାତ୍ରୀ ଆର୍ ସ୍ୱେଚ୍ଛାସେବୀମାନେ

ସାମିଲ୍ ହେଇଥିଲେ । ଅଂଶଗ୍ରହଣକାରୀ-ମାନେ ଗୁଟେ ଦସ୍ତଖତ୍ ଅଭିଯାନ୍‌ଥି ଭିଲ୍ ଭାଗ୍ ନେଇଥିଲେ ।

ରାଷ୍ଟ୍ରୀୟ ଅନ୍ତରିକ୍ଷ ଦିବସ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ସର୍‌କାର୍ ଚନ୍ଦ୍ରଯାନ୍-୩ ର ଉଲ୍ଲେଖନୀୟ ସଫଳତାର୍ ଉତ୍ସବ୍ ମନାବାର୍ ଲାଗି ଅଗଷ୍ଟ ୨୩ ତାରିଖ୍‌କେ ରାଷ୍ଟ୍ରୀୟ ମହାକାଶ ଦିବସ୍ ଘୋଷ୍‌ନା କରିଛନ୍ । ଇ ଦିନ ବିକ୍ରମ୍ ଲେଣ୍ଡର୍‌ର ସୁରକ୍ଷିତ୍ ଆଉ ସଫ୍ଟ ଲେଣ୍ଡିଙ୍ଗ୍ ହେବାର୍ ସହେତେ ପ୍ରଜ୍ଞାନ୍ ରୋଭର୍‌କେ ଦକ୍ଷିଣ ଧ୍ରୁବର ପାଶେ ଚନ୍ଦ୍ର ପୃଷ୍ଠ ନ ମୁତୟନ୍ କରାଯାଇଥିଲା । ଇ ଐତିହାସିକ୍ ଉପଲବ୍ଧି ଭାରତ୍‌କେ ମହାକାଶ୍ ନ ବିଜୟ ପତାକା ଉତୋଲନ୍ କରିଥିବାର୍ ଦେଶ୍‌ମାନ୍‌କର୍ ଭିତ୍‌ରେ ଗୁଟେ ବିଶିଷ୍ଟ ସମୂହଥି ସାମିଲ୍ କରିଛେ । ଇ ସଫଳତାର୍ ସହେତେ ଭାରତ୍ -ଚନ୍ଦ୍ର ନ ଉତ୍‌ରିବାର୍ ୪ ନମ୍ବର୍ ଦେଶ୍ ଆଉ ଚନ୍ଦ୍ରଙ୍କର୍ ଦକ୍ଷିଣ ଧ୍ରୁବର ପାଶେ ପୁହୁଁଚିବାର୍‌ଥି ପହେଲା ଦେଶ୍ ମାଏନ୍‌ତା ପାଇଛେ । ଅନ୍ତରୀକ୍ଷ ବିଜ୍ଞାନ୍ ଆଉ ବୈଷୟିକ କ୍ଷେତ୍ର ନ ୟୁଆନ୍ ପିଢ଼ିକେ ସାମିଲ୍ କର୍‌ବାର୍ ଆଉ ପ୍ରେରଣା ଦେବାର୍ ଉଦ୍ଦେଶ୍ୟଥି ଇ ବଛ୍‌ରର୍ ଜୁଲାଇ ଆଉ ଅଗଷ୍ଟ ମାସେ ସାରା ଦେଶେ ଉପଲବ୍ଧିର୍ ମହୋତ୍ସବ୍ ପାଳନ୍ କରାଯାଉଛେ ।

ବିଶ୍ୱ ୟୁବ ଦିବସ୍ ଆର୍‌ଏନ୍‌ୟୁ ସମ୍ବଲପୁର୍/ କଟକ୍

ଆଏଜ୍ ସାରା ପୁର୍ଥି ନ ଆନ୍ତର୍ଜାତୀୟ ଯୁବ ଦିବସ୍ ପାଲନ୍ କରାଯାଉଛେ । ମିଲିତ୍ ଜାତିସଂଘର୍ ବିଶ୍ୱ ଯୁବ ଫୋରମ୍‌ର ଗୁଟେ ବୈଠକ୍‌ର ପ୍ରସ୍ତାବ୍ ଅନ୍‌ସାରେ ୧୯୯୧ ମସିହାନୁ ଆନ୍ତର୍ଜାତୀୟ ଯୁବ ଦିବସ୍ ପାଲନ୍ କରାଯାଉଛେ । ସର୍‌କାର୍ ଆର୍ ଆନ୍ତର୍ଜାତୀୟ ସଂଗଠନ୍‌ମାନ୍‌କେ ଯୁଆନ୍ ପିଢ଼ିକେ ସାମିଲ୍ କର୍‌ବାର୍ ଉପ୍‌ରେ ଜୋର୍ ଦେବାର୍ ଲାଗି ଇ ଦିବସ୍ ପାଲନ୍ କରାଯାଇଆସୁଛେ ।

ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସୁସ୍ଥ ଜୀବନ୍‌ଯାପନ୍ ଲାଗି ସଚେତନ୍ ହେବାର୍‌କେ ନିବେଦନ୍ କରିଛନ୍ । ଏଚ୍‌ଆଇଭି ସହେତେ ଅଲ୍‌ଗା ସଂକ୍ରମଣ୍ ଉପ୍‌ରେ ସଚେତନତା ଆଉ ନିୟନ୍ତ୍ରଣ୍ ଲାଗି କେନ୍ଦ୍ର ସର୍‌କାର୍‌ଙ୍କର୍ ସଚେତନତା ଅଭିଯାନ୍‌ଥି ଓଡ଼ିଶା ସାମିଲ୍ ହେଇଛେ । ଇଥିର୍‌ଲାଗି ଆଏଜ୍‌ଠାନୁ ରାଏଜେ ଗୁଟେ ସ୍ୱତନ୍ତ୍ର ଅଭିଯାନ୍ ମୁଲ୍ ହେଇଛେ । ଇଥିର୍‌ଲାଗି ଗାଁ ଆଉ ସହର୍ ଇଲାକା ନ ଭିନ୍ ଭିନ୍ ପ୍ରତିଯୋଗିତା ଜରିଏ ସଚେତନତା ସୃଷ୍ଟି କରାଯାଉଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡାକ୍ତର୍ ମୁକେଶ୍ ମହାଲିଙ୍ଗ୍ ଯୁବ ଦିବସ୍ ଉଲ୍‌ଗୁନେ ରାଜ୍ୟ ଆଉ ଦେଶର୍ ଯୁଆନ୍ ବର୍ଗଙ୍କର୍ ସୁସ୍ଥ ସୁରକ୍ଷିତ ଆଉ ନିରାମୟ ଜୀବନ୍‌ଯାପନ୍ କାମନା କରିଛନ୍ । ଡକ୍ଟର୍ ମହାଲିଙ୍ଗ୍ ସୁନ୍ଦର୍‌ଗଡ଼୍ ଜିଲ୍ଲା

ରାଉର୍‌କେଲା ସର୍‌କାରୀ ଡାକ୍ତର୍‌ଖାନା ନ ରାଜ୍ୟସ୍ତରୀୟ ଏଡ୍‌ସ୍ ସଚେତନତା କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କରିଛନ୍ ।

ମୁଖ୍ୟମନ୍ତ୍ରୀଙ୍କର୍ ଦିଲ୍ଲୀ ଗସ୍ତ ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍‌ଠାନୁ ୩ ଦିନିଆ ନୂଆଦିଲ୍ଲୀ ଗସ୍ତଥି ଯିବେ । ଇ ଗସ୍ତ ସମିଆଥି ମୁଖ୍ୟମନ୍ତ୍ରୀ କେନ୍ଦ୍ର ସଡ଼କ ପରିବହନ୍ ଆଉ ଜାତୀୟ ରାଜପଥ ମନ୍ତ୍ରୀ ନିତିନ୍ ଗଡ୍‌କରୀଙ୍କର୍ ଅଧକ୍ଷତାଥି ହେବାର୍‌କେ ଥିବା ବୈଠକ୍‌ଥି ଯୋଗ୍ ଦେବେ । ବୈଠକ୍‌ଥି ଓଡ଼ିଶା ନ ଚାଲିଥିବା ପ୍ରକଳ୍ପ ମାନ୍‌କର୍ ବିଷେ ଆଲୋଚନା କରାଯିବା ବଲି ପୂର୍ତ୍ତ ବିଭାଗ୍ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ସୂଚ୍‌ନା ଦେଇଛନ୍ । ସେ କହିଛନ୍ ଯେ, ଓଡ଼ିଶା ନ ସଡ଼କ୍ ପରିବହନ୍ କ୍ଷେତ୍ରକେ ବ୍ୟାପକ୍ କରାଯିବା । ଅର୍ଥନୈତିକ୍ ନଜର୍‌ନୁ ଓଡ଼ିଶାର୍ ବିକାଶ୍ ଲାଗି ପଦକ୍ଷେପ୍ ନେବାର୍‌କେ ମୁଖ୍ୟମନ୍ତ୍ରୀ କେନ୍ଦ୍ରମନ୍ତ୍ରୀଙ୍କର୍ ସହେତେ ଆଲୋଚନା କର୍‌ବେ । ଇତାର୍‌ସହେତେ କୋଷ୍ଟାଲ୍ ହାଇୱେ ନେଇକରି ଭିଲ୍ ବୈଠକ୍‌ଥି ଚର୍ଚ୍ଚା ହେବା ବଲି ମନ୍ତ୍ରୀ କହିଛନ୍ ।

ଇତାର୍‌ଛଡ଼ା ମୁଖ୍ୟମନ୍ତ୍ରୀ ରାଜ୍ୟ ସହେତେ ଜଡ଼ିତ ଥିବାର୍ କେତେଟା ବିଷେଥି କେନ୍ଦ୍ରମନ୍ତ୍ରୀ ଆଉ ଦଲୀୟ ସଦସ୍ୟଙ୍କର୍ ସାଙ୍ଗେ ବୈଠକ୍ କର୍‌ବେ ବଲି ଜନାପଡ଼ିଛେ ।

ଶ୍ରାବଣ୍ ସୋମ୍‌ବାର୍        ଆର୍‌ଏନ୍‌ୟୁ/
କଟକ୍/ ବୌଦ୍ଧ/ ସୁବର୍ଣ୍ଣପୁର୍

ଶ୍ରାବଣ୍ ମାସର୍ ଆଏଜ୍ ୪ ନମ୍ବର୍ ସୋମ୍‌ବାର୍‌ଥି ରାଜ୍ୟର୍ ଭିନ୍ ଭିନ୍ ମହାଦେବ୍ ଗୁଡ଼ିମାନ୍‌କେ ଭକ୍ତମାନେ ପାଏନ୍ ଚଢ଼େଇଛନ୍ । ପବିତ୍ର ନଦୀ ଆଉ ଜଲାଶୟମାନ୍‌କର୍‌ନୁ କାଉଡ଼ିଆମାନେ ଜଲଭାର ନେଇକରି ମହାଦେବ୍‌ଗୁଡ଼ିମାନ୍‌କେ ପାଏନ୍ ଚଢ଼େଇଥିଲେ । ଭୁବ୍‌ନେଶ୍ୱର୍‌ର ପ୍ରଭୁ ଶ୍ରୀ ଲିଙ୍ଗରାଜ, କଟକ୍‌ର ଧବଳେଶ୍ୱର୍, ପୁରୀର ଲୋକନାଥ, ସମ୍ବଲପୁର ଜିଲ୍ଲାର୍ ବିମଳେଶ୍ୱର୍, ମାନ୍‌ଧାତା, ସୋମ୍‌ନାଥ ପୀଠ ନ ହଜାର୍ ହଜାର୍ କାଉଡ଼ିଆ ଆଉ ଭକ୍ତଙ୍କର୍ ସମାଗମ୍ ହେଇଥିଲା ।

ରାଜ୍ୟପାଲ୍ ରଘୁବର୍ ଦାସ ଶ୍ରାବଣ୍‌ର ୪ ନମ୍ବର୍ ସୋମ୍‌ବାର୍ ଅବ୍‌ସରେ ଶୁଭେଚ୍ଛା ଜନେଇଛନ୍ । ସାମାଜିକ୍ ଗଣମାଧ୍ୟମ୍ ଜରିଏ ରାଜ୍ୟପାଲ୍ ଶ୍ରୀ ଦାସ ବାବା ବୈଦ୍ୟନାଥ ସମ୍‌କର୍ ମନସ୍କାମନ୍ ପୂରଣ୍ କରୁନ୍ ବଲି କାମନା କରିଛନ୍ ।

ବୌଦ୍ଧ ଜିଲ୍ଲା ରାମନାଥ, ଚନ୍ଦ୍ରଚୂଡ଼, ମାତଙ୍ଗେଶ୍ୱର, ମହେଶ୍ୱର ଆଉ ଅଲ୍‌ଗା ମହାଦେବ୍ ଗୁଡ଼ିମାନ୍‌କେ ଆଏଜ୍ ପାଏନ୍ ଚଢ଼ାବାର୍ ଲାଗି ଭକ୍ତମାନ୍‌କର୍ ଜବର୍ ଭିଡ଼୍ ଦେଖିବାର୍‌କେ ମିଳିଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲା ବୈଦ୍ୟନାଥ, କପିଳେଶ୍ୱର୍, ସୋମ୍ନାଥ, କୋଶଲେଶ୍ୱର୍, ଚମ୍ପେଶ୍ୱର୍, ଗୋଧନେଶ୍ୱର୍ଙ୍କର୍ ସହେତେ ଅଲ୍ଗା ଶୈବପୀଠମାନ୍କେ ଆଏଜ୍ ଦେବ ଦେବ ମହାଦେବଙ୍କର୍ ଦର୍ଶନ୍ ଲାଗି ଭକ୍ତମାନେ ଠୋଲ୍ ହେଇଥିଲେ ।

ବିଶ୍ୱ ହାତୀ ଦିବସ୍ ଆର୍ଏନ୍ୟୁ/ କଟକ୍

ହାତୀମାନ୍କର୍ ସୁରକ୍ଷା ଆର୍ ସଂରକ୍ଷଣ୍ ଦିଗେ ସଚେତନତା ସୃଷ୍ଟି କର୍ବାର୍ ଉଦ୍ଦେଶ୍ୟ୍ରେ ଆଏଜ୍ ବିଶ୍ୱ ହାତୀ ଦିବସ୍ ପାଳନ୍ କରାଯାଉଛେ । ୨୦୧୧ ମସିହାନୁ ଆଝିର୍ ଦିନ୍କେ ବିଶ୍ୱ ହାତୀ ଦିବସ୍ ଭାବେ ପାଳନ୍ କରାଯାଉଛେ । ହାତୀ ଗଣନା ରିପୋର୍ଟ- ୨୦୨୪ ଅନ୍ସାରେ ରାଏଜେ ଗଲା ୭ ବଛ୍ରେ ଶହେ ୨୨ ଟା ହାତୀ ବଢ଼ିଛନ୍ । ଯେନ୍ଥିର୍ଲାଗି ହାତୀ ସଂଖ୍ୟା ୨ ହଜାର୍ ୯୮ ଥି ପୁହୁଁଚିଛେ । ଇ ଗଣନାଥି ୩୮ଟା ବନଖଣ୍ଡକେ ସାମିଲ୍ କରାଯାଇଥିଲା । ୧୩ ଟା ବନଖଣ୍ଡ ନ ହାତୀ ନାଇଁଥିବାର୍ ବେଲେ ଗଲା ୫ ବରସ୍ ଭିତ୍ରେ ରାଏଜେ ୪ ଶହ ୩ ଟା ହାତୀଙ୍କର୍ ମୃତ୍ୟୁ ହେଇଛେ ।

ବିଶ୍ୱ ହାତୀ ଦିବସ୍ ଅବ୍ସରେ ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ହାତୀମାନ୍କୁ ସୁରକ୍ଷା ଦେବାର୍ ଲାଗି ଲୋକ୍ମାନ୍କର୍ ଉଦ୍ୟମ୍କେ ପ୍ରଶଂସା କରିଛନ୍ । ହାତୀମାନ୍କର୍ ଲାଗି

ଅନୁକୂଲ ବାସସ୍ଥାନ୍ ସୁନିଶ୍ଚିତ୍ କର୍‌ବାର୍ ଲାଗି ସେ ଆହ୍ୱାନ୍ ଦେଇଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ତାଙ୍କର୍ ବାର୍ତାଥି ହାତୀମାନ୍‌କୁ ସୁରକ୍ଷା ଆଉ ସଂରକ୍ଷଣ୍ ଦେବାର୍ ଲାଗି ଆହ୍ୱାନ୍ ଦେଇଛନ୍ ।

ସ୍ୱୟଂକ୍ରିୟ ପାଣିପାଗ କେନ୍ଦ୍ର ସମ୍ବଲପୁର ସମ୍ବାଦଦାତା

ବିଦ୍ୟୁତ୍ ବିତରଣ୍ କମ୍ପାନୀ ଟିପିଡବ୍ଲୁଓଡିଏଲ୍ ତର୍‌ଫୁ ସମ୍ବଲ୍‌ପୁର୍ ଜିଲ୍ଲା ମାନେଶ୍ୱର୍ ବ୍ଲକ୍‌ର ବଦୁଆପାଲି ଠାନେ ଗୁଟେ ସ୍ୱୟଂକ୍ରିୟ ପାଣିପାଗ କେନ୍ଦ୍ର ଆଏଜ୍ କାର୍ଯ୍ୟକ୍ଷମ୍ ହେଇଛେ । ସ୍ୱଦେଶୀ ଜ୍ଞାନ୍‌କୌଶଲ୍‌ଥି ତିଆର୍ କରାଯାଇଥିବା ଇ ପାଣିପାଗ କେନ୍ଦ୍ର ଜରିଏ ଖାସ୍ କରି ଚାଷ୍ କାମ୍ ଲାଗି ଚାଷୀମାନ୍‌କୁ ସଠିକ୍ ତଥ୍ୟର୍ ସାହାଜ୍ ମିଲିପାର୍‌ବା ବଲି କମ୍ପାନୀ ତର୍‌ଫୁ କୁହାଯାଇଛେ । ବର୍ଷା, ଆଦ୍ରତା, ତାପମାତ୍ରା ବାଗିର୍ ତଥ୍ୟ ଇ ପାଣିପାଗ କେନ୍ଦ୍ର ଜରିଏ ଠୁଲାଯାଇପାର୍‌ବା ।

ଯୁଗ୍ମ ଅଭିଯୋଗ୍ ଶୁଣାଣି

ସୁବର୍ଣ୍ଣପୁର/ଦେବ୍‌ଗଡ଼୍/ନୂଆପଡ଼ା/ଝାର୍‌ସୁଗୁଡ଼ା

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲାମାନ୍‌କେ ଆଏଜ୍ ଜିଲ୍ଲାପାଲ୍ ଆର୍ ଏସ୍.ପି.ମାନ୍‌କର୍ ମିଲିତ ଯୁଗ୍ମ ଅଭିଯୋଗ୍ ଶୁଣାଣି ହେଇଯାଇଛେ ।

ସୁବର୍ଣ୍ଣପୁର୍ ଜିଲ୍ଲାର୍ ତର୍ଭା ବ୍ଲକ୍ ସମ୍ମିଲନୀ କକ୍ଷ ନ ହେଇଥିବା ଅଭିଯୋଗ୍ ଶୁଣାଣି ଶିବିରଥି ୪୮ ଟା ଅଭିଯୋଗ୍ର ଶୁଣାଣି ହେଇଥିଲା । ଶିବିରଥି ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ୍ ତର୍ଫୁ ୫ ଦମ୍ପତିଙ୍କୁ ଦିବ୍ୟାଙ୍ଗ ପ୍ରୋତ୍ସାହନ ବାବ୍ଦେ ଅଢ଼େଇ ଲାଖ୍ ଟଙ୍କା ଲେଖା ଦିଆଯାଇଥିଲା ।

ଝାର୍ସୁଗୁଡ଼ା ଜିଲ୍ଲାର୍ କିର୍ମିରା ବ୍ଲକ୍ ଠାନେ ଆଏଜ୍ ଜିଲ୍ଲାପାଲ୍ ଆଉ ଏସ୍.ପି. ମିଲିତ୍ ଜନଶୁଣାଣି କରିଥିଲେ । ଇନ ଆସିଥିବାର୍ ୨୦ ଟା ଅଭିଯୋଗ୍ର ସମାଧାନ୍ ଲାଗି ଭିନ୍ ଭିନ୍ ବିଭାଗ୍ର ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦିଆଯାଇଥିଲା ।

ନୂଆପଡ଼ା ଜିଲ୍ଲା କୋମ୍ନା ପଂଚାୟତ୍ ସମିତି ଠାନେ ଆଏଜ୍ ହେଇଥିବା ଜିଲ୍ଲାପାଲ୍ଙ୍କର୍ ଅଭିଯୋଗ୍ ଶୁଣାଣି କାର୍ଯ୍ୟକ୍ରମ୍ଥି ଭିନ୍ ଭିନ୍ ଗାଁନୁ ଆସିଥିବା ନାଗରିକ୍ମାନ୍କର୍ ଆପତି ଅଭିଯୋଗ୍ର ସମାଧାନ୍ ଲାଗି ନିର୍ଦ୍ଦେଶ୍ ଦିଆଯାଇଥିଲା ।

ଦେବ୍ଗଡ୍ ଜିଲ୍ଲା ରିଆମାଲ୍ ବ୍ଲକ୍ର କଲ୍ୟାଣ୍ ମଣ୍ଡପ୍ନ ହେଇଥିବା ଯୁଗ୍ମ ଅଭିଯୋଗ୍ ଶୁଣାଣି ଶିବିରଥି ୧୩ ଟା ଅଭିଯୋଗ୍ର ଶୁଣାଣି କରାଯାଇଥିଲା ।

ବୌଦ୍ଧ ଜିଲ୍ଲା ହର୍ଭଙ୍ଗା ବ୍ଲକ୍ ଅଫିସ୍ ଠାନେ ଆଏଜ୍ ହେଇଥିବା ମିଲିତ ଜନଶୁଣାଣିଥି ଆସିଥିବାର୍ ୪୭ ଟା ଅଭିଯୋଗ୍ର ସେହିଠାନେ ସମାଧାନ୍ କରାଯାଇଥିବାର୍ ଜନାପଡ଼ିଛେ । ଇନ ୧୦ ଝନ୍କୁ ବାର୍ଦ୍ଧକ୍ୟଭତା, ୨ ଝନ୍କୁ ରେଡ଼କ୍ରସ୍ନୁ ସାହାଜ୍ ଭିଲ୍ ଦିଆଯାଇଥିଲା ।

କୌଶଲ୍ ରଥ -ଦେବ୍‌ଗଡ଼୍             ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ନ ଆଏଜ୍ କୌଶଲ୍ ରଥ ପରିକ୍ରମା ମୁଲ୍ ହେଇଛେ । ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ ଶାଗୁଆ ପତାକା ଦେଖେଇକରି କୌଶଲ୍ ରଥ ପରିକ୍ରମାର ଶୁଭାରମ୍ଭ କରିଛନ୍ । ଇ କୌଶଲ୍ ରଥ ଆଏଜ୍ ତିଲେଇବଣି ବ୍ଲକ୍‌ର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସହେତେ ଅଲ୍‌ଗା ୩ ଟା ଉଚ୍ଚ ମାଧ୍ୟମିକ୍ ବିଦ୍ୟାଳୟ ବୁଲ୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ଆଏବା ୧୫ ତାରିଖ୍‌ତକ୍ ଜିଲ୍ଲାର୍ ଭିନ୍ ଭିନ୍ ବିଦ୍ୟାଳୟ, ଉଚ୍ଚବିଦ୍ୟାଳୟ ଆଉ ପଲିଟେକ୍‌ନିକ୍ ସଂସ୍ଥାନ୍ ମାନ୍‌କେ ଇ ରଥ ଜରିଏ ଛାତ୍ରଛାତ୍ରୀମାନ୍‌କୁ ସଚେତନ୍ କରାଯିବା ।

ଯୁକ୍ତ ୨ ନାଁଲେଖା           ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଆଏଜ୍‌ଠାନୁ ଯୁକ୍ତ ଦୁଇ ପ୍ରଥମ ବର୍ଷର୍ ଲାଗି ସ୍ୱଟ୍ ନାଁଲେଖା ପ୍ରକ୍ରିୟା ମୁଲ୍ ହେଇଛେ । ଆଏବା ୧୪ ତାରିଖ୍ ଭିତ୍‌ରେ ଆଶାୟୀ ଛାତ୍ରଛାତ୍ରୀମାନେ ଇଥିର୍‌ଲାଗି ଚଏସ୍ ଲକିଂ କରିପାର୍‌ବେ । ଆଏବା ୨୦ ତାରିଖ୍ ଦିନ ଦିନ୍‌ବେଲା ସ୍ୱଟ୍ ନାଁଲେଖାର୍ ଲାଗି ମେଧା ତାଲିକା ବାହାର୍‌ବା । ଇଥି ବଛା ହେଇଥିବା ଛାତ୍ରଛାତ୍ରୀ ଆଏବା ୨୨ ନୁ ୨୮ ତାରିଖ୍ ଭିତ୍‌ରେ ନାଁ ଲେଖେଇପାର୍‌ବେ ବଲି ଜନାପଡ଼ିଛେ ।

ଅନାସ୍ଥା ପ୍ରସ୍ତାବ୍		କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ପୌରପରିଷଦ୍ ଲାଗି ଆସିଥିବାର୍ ଅନାସ୍ଥା ପ୍ରସ୍ତାବ୍ ଉପ୍‌ରେ ଆଏଜ୍ ଭୋଟ୍ ନିଆଯାଇଥିଲା । ଇନ ପୌର ପରିଷଦ୍‌ର ୨୦ ଝନ୍ ଜାକ କାଉନ୍‌ସିଲର୍ ପୌରାଧ୍ୟକ୍ଷାଙ୍କର୍ ବିରୋଧ୍‌ଥି ଆସିଥିବାର୍ ଅନାସ୍ଥା ପ୍ରସ୍ତାବ୍‌କେ ସମର୍ଥନ୍ କରିଥିଲେ । ପରିଷଦ୍ ନ ୨୦ ଟା ଓ୍ୱାର୍ଡ୍‌ଥି ୧୮ ଝନ୍ ବିଜେଡ଼ି ଆଉ ଝନେ ଲେଖା ବିଜେପି ଆଉ କଂଗ୍ରେସ୍‌ର କାଉନ୍‌ସିଲର୍ ଅଛନ୍ ।

ପାଣିପାଗ		ଆର୍‌ଏନ୍‌ୟୁ/ କଟକ୍

ରାଏଜେ ମୌସୁମୀର୍ ବଲେ ବର୍ଷା ଜାରି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା କାଏଲ୍‌ତକ୍ ଉତର୍ ବଙ୍ଗୋପ୍ ସାଗର୍ ନ ଆଉ ଗୁଟେ ଘୂର୍ଣ୍ଣିବଲୟ ବନ୍‌ବାର୍ ଅନୁମାନ୍ ରହିଛେ । ଇ ଘୂର୍ଣ୍ଣିବଲୟର୍ ବଲେ ୧୫ ଟା ଜିଲ୍ଲା ନ ଘଡ଼୍‌ଘଡ଼ି ସହେତେ ବର୍ଷା ହେବା ବଲି ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର କର୍ତ୍ତୃପକ୍ଷ ସତର୍କ ସୂଚ୍‌ନା ଜାରି କରିଛନ୍ ।